## COVID-19 ସଚେତନତା କାର୍ଯ୍ୟକ୍ରମ ଅବସରରେ ଓଡିଶା ଲଳିତ କଳା ଏକାଡେମୀ ତରଫରୁ ରାଜ୍ୟସ୍ତରୀୟ ଅନ୍‌ଲାଇନ୍ ଚିତ୍ରକଳା ପ୍ରତିଯୋଗିତା ସଂପର୍କରେ ନିୟମାବଳୀ

୧. COVID-19 ପରିପ୍ରେକ୍ଷୀରେ ସକରାତ୍ମକ ସଚେତନତାକୁ ଆଧାର କରି ଓଡ଼ିଶା ଲଳିତ କଳା ଏକାଡ଼େମୀ ତରଫରୁ ଏକ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯିବା ପାଇଁ ସ୍ଥିର ହୋଇଛି । ପ୍ରଥମ ବର୍ଗର ପ୍ରତିଯୋଗିତାରେ ରାଜ୍ୟର ୧୬ ବର୍ଷରୁ ୩୦ ବର୍ଷ ବୟସର ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିବେ । ଚିତ୍ରଶିଳ୍ପୀମାନେ ଡ୍ରଇଂ ସିଟ୍ ସାଇଜ (୧୨''X୧୫'') ଇଞ୍ଚ ରେ ଯେକୌଣସି ମାଧମରେ (ସମସାମୟିକ ଓ ପାରମ୍ପରିକ) ଚିତ୍ର ଅଙ୍କନ କରି ଦିଆଯାଇଥିବା ଫର୍ମ ପୁରଣ କରି ଏକାଡେମୀ କାର୍ଯ୍ୟାଳୟକୁ ଅନ୍‌ଲାଇନ୍ ମାଧମରେ ପ୍ରେରଣ କରିବେ ।

୨. ଏକାଡ଼େମୀ ଦ୍ୱାରା ଏକ ବିଚାରକ ମଣ୍ଡଳୀ ଗଠନ କରାଯାଇ ତନ୍ମଧ୍ୟରୁ ୧,୦୦୦ ଚିତ୍ରଶିଳ୍ପୀଙ୍କୁ ଆର୍ଥିକ ପ୍ରୋତ୍ସାହନ ପାଇଁ ଚୟନ କରାଯିବ ଏବଂ ପ୍ରତ୍ୟେକ ଶିଳ୍ପୀଙ୍କୁ ଟ.୧,୦୦୦/- (ଏକ ହଜାର ଟଙ୍କା ମାତ୍ର) ଲେଖାଏଁ ଅର୍ଥରାଶି ଅନ୍‌ଲାଇନ୍ ମାଧମରେ ଶିଳ୍ପୀଙ୍କ ବ୍ୟାଙ୍କ୍ ଜମାଖାତାକୁ ପ୍ରେରଣ କରାଯିବ ।

୩. ଏତଦ୍‌ବ୍ୟତୀତ COVID-19 ପରିପ୍ରେକ୍ଷୀରେ ଅନ୍ୟ ଏକ ଚିତ୍ରକଳା ପ୍ରତିଯୋଗିତାରେ ୩୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିପାରିବେ । ସେମାନଙ୍କ ଦ୍ୱାରା କାନ୍‌ଭାସ୍‌ରେ ଅଙ୍କିତ ଗୋଟିଏ ଚିତ୍ରକଳା ଯେକୌଣସି ମାଧମରେ ସାଇଜ୍ (୨୪''X ୨୪'') ଇଞ୍ଚ କିମ୍ବା (୨୪''X ୨୮'') ଇଞ୍ଚ ଯଥା:- ପାରମ୍ପରିକ ଚିତ୍ର, ଡ୍ରଇଂ, ମୁଦ୍ରଣ କଳା ଓ ଭାସ୍କର୍ଯ୍ୟ ସାଇଜ୍ (୧୨''X୧୨''X୧୨''X) ର ଫଟୋଚିତ୍ର ଅନ୍‌ଲାଇନ୍ ମାଧମରେ ଏକାଡେମୀକୁ ପ୍ରେରଣ କରିପାରିବେ । ତନ୍ମଧ୍ୟରୁ ୩୦୦ ଜଣଙ୍କୁ ଆର୍ଥିକ ପ୍ରୋତ୍ସାହନ ପାଇଁ ଏକ ବିଚାରକ ମଣ୍ଡଳୀ ଦ୍ୱାରା ମନୋନିତ କରାଯିବ । ପ୍ରତ୍ୟେକ ପୁରସ୍କୃତ ଶିଳ୍ପୀଙ୍କୁ ଟ. ୫,୦୦୦/- (ପାଞ୍ଚ ହଜାର ଟଙ୍କା ମାତ୍ର) ଲେଖାଏଁ ପ୍ରୋତ୍ସାହନ ରାଶି ଅନ୍‌ଲାଇନ୍ ମାଧମରେ ପ୍ରେରଣ କରାଯିବ । ଆବେଦନ ଫର୍ମ ମେ ୨୫ ତାରିଖ ରାତ୍ରୀ ୧୨ଟାରୁ ମେ ୩୦ ତାରିଖ ରାତ୍ରୀ ୧୨ଟା ପର୍ଯ୍ୟନ୍ତ ଉପଲବ୍ଧ ହେବ ।

୪. ଚିତ୍ରଶିଳ୍ପୀମାନେ ଆବେଦନ ଫର୍ମରେ ଏକାଡ଼େମୀ ୱେବ୍‌ସାଇଟ୍‌ରୁ ଆବଶ୍ୟକୀୟ ତଥ୍ୟ ଏବଂ ଫର୍ମ ସଂଗ୍ରହ କରି ସବିଶେଷ ବିବରଣୀ ସହ ଅନ୍‌ଲାଇନ୍ ମାଧମରେ ଚିତ୍ର ପ୍ରେରଣ କରିପାରିବେ ।

୫. ଚିତ୍ରଶିଳ୍ପୀମାନେ ଏହି ମେ ମାସ ୨୬ ତାରିଖରୁ ୩୦ ତାରିଖ ମଧରେ ନିଜର କଳାକୃତି ପଠାଇପାରିବେ । ତା ପରେ ଏହା ଗ୍ରହଣୀୟ ହେବ ନାହିଁ ।

୬. ଚିତ୍ରଶିଳ୍ପୀମାନେ ପୂର୍ଣ୍ଣାଙ୍ଗ ଚିତ୍ରର ଫଟୋ ସହ କାର୍ଯ୍ୟ କରୁଥିବା ସମୟର ୨ଟି ପର୍ଯ୍ୟାୟର ଫଟୋ ପ୍ରେରଣ କରପାରିବେ (କାର୍ଯ୍ୟ ଆରମ୍ଭ ହେବାର ଓ କାର୍ଯ୍ୟ ଅଧା ହେବାର)

୭. ଅର୍ଥ ପୈଠ ପୂର୍ବରୁ ଆବଶ୍ୟକ ପଡିଲେ ପୁରସ୍କୃତ ଚିତ୍ରଗୁଡିକୁ ଏକଡ଼େମୀର ଯେକୈଣସି କାର୍ଯ୍ୟକ୍ରମରେ ସାମିଲ୍ କରିବା ପାଇଁ ଆପଣଙ୍କୁ ମଗାଯାଇପାରେ ।

ଗଜେନ୍ଦ୍ର ପ୍ରସାଦ ସାହୁ

ସଚିବ

ଓଡ଼ିଶା ଲଳିତ କଳା ଏକାଡ଼େମୀ